# ତହସିଲ କାର୍ଯ୍ୟାଳୟ, ଝାରବନ୍ଧ

*ବିଜ୍ଞାପନ ସଂ.୧୫୭୯/ ତା. ୨୮.୦୭.୨୦୧୮*

## *ଲଘୁ ଖଣିଜ ଉତ୍ସର ଲିଜ୍ ସକାସେ ଇସ୍ତାହାର*

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚିଳନା ବିଭାଗ ଅଧିନସ୍ଥ ଝାରବନ୍ଧ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସ ଗୁଡିକର ଆସନ୍ତା ୫ (ପାଂଚ) ବର୍ଷ ନିମନ୍ତେ, ଅର୍ଥାତ୍ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯନ୍ତ ଲିଜ୍ ପ୍ରଦାନ ନିମନ୍ତେ ତହସିଲଦାର, ଝାରବନ୍ଧ ଙ୍କ ଦ୍ଵାରା ଦରଖାସ୍ତ ଆହ୍ଵାନ କରାଯାଉଅଛି । ଲିଜ୍ ପାଇଁ ଉଦ୍ଦିଷ୍ଟ ଥିବା ଖଣିଜ ଉତ୍ସର ବିଶଦ୍ ବିବରଣୀ ଏକ ସଂଯୁକ୍ତ ଫର୍ଦ (Annexure-1) ରେ ପ୍ରଦାନ କରାଯାଇଛି । ଇଚ୍ଛୁକ ବ୍ୟକ୍ତି ବିଶେଷ **ଓଡିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬** ଏବଂ ପରବର୍ତୀ ସଂଶୋଧନ ୨୦୧୭ ଏବଂ ୨୦୧୮ ଅନୁଯାୟୀ ନିର୍ଦ୍ଧାରିତ Form-M ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି ଜଉମୁଦ ଦିଆ ଲଫାପା (Sealed Cover) ରେ ଆବେଦନ କରିପାରିବେ, ଯାହାକି ନିମ୍ନ ସ୍ଵାକ୍ଷର କାରୀଙ୍କ କାର୍ଯ୍ୟାଳୟରେ ତା. ୦୧.୦୮.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଆସନ୍ତା ତା. ୧୬.୦୮.୨୦୧୮ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟ ରେ ଥିବା ବାକ୍ସ (Drop Box) ରେ ପକାଇପାରିବେ ଏବଂ ତା.୧୭.୦୮.୨୦୧୮ ରିଖ ପୂର୍ବାହ୍ନ ଘ.୧୧.୦୦ ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କର ଅନୁମତିପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକର ତନଖି କରାଯିବ । ଡାକ ଦ୍ଵାରା କିମ୍ବା ଅନ୍ୟାନ୍ୟ ମାଧ୍ୟମରେ ପଠାଯାଇଥିବା କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ସିଧା ସଲଖ ବାତିଲ କରାଯିବ । Form-M ବ୍ୟତୀତ ଅନ୍ୟ କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ସୈରାତ୍ ଉତ୍ସ ନିଲାମ ସଂବନ୍ଧୀୟ ସମସ୍ତ ତଥ୍ୟ ବରଗଡ ଜିଲ୍ଲାର ୱେବସାଇଟ୍ "www.bargarh.nic.in" ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଉପଲବ୍ଧ ଅଛି ।

ପୁନଶ୍ଚ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯେଉଁ ଲଘୁ ଖଣିଜ ଉତ୍ସ ଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖ ସୁଦ୍ଧା କୌଣସି ଦରଖାସ୍ତ କିମ୍ବା ଯଥେଷ୍ଟ ସଂଖ୍ୟାର ଦରଖାସ୍ତ ହସ୍ତଗତ ହେବନାହିଁ, କେବଳ ସେହି ଉତ୍ସ ଗୁଡିକ ପାଇଁ ଦ୍ଵିତୀୟ ପର୍ଯ୍ୟାୟ ରେ ତା. ୨୩.୦୮.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ଓ ତୃତୀୟ ପର୍ଯ୍ୟାୟ ରେ ତା. ୩୦.୦୮.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ଦରଖାସ୍ତ ସମାନ ଢଙ୍ଗରେ ଗ୍ରହଣ କରି ଉକ୍ତ ତାରିଖରେ ଅପରାହ୍ନ ୩.୦୦ ଗଟିକା ରେ ତନଖି କରାଯିବ ।

28/07/18

ତହସିଲଦାର, ଝାରବନ୍ଧ

Tahasildar
Jharbandh

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ୍ ଓ କାଗଜାତ

୧. ଦରଖସ୍ତ ଫି ବାବଦକୁ ଟ. ୧୦୦୦.୦୦ ଙ୍କା (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ଯାହା ଫେରସ୍ତ କରାଯିବ ନାହିଁ ।

(Head of Account- *"0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties"*)

୨. ଆବେଦନ କରିଥିବା ଲିଜ୍ ଜମିର ତଫସିଲ ଓ ନକ୍ସା ।

୩. କୌଣସି ମାଇନିଙ୍ଗ୍ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ ।

୪. ଆବେଦନକାରୀ ତାଙ୍କର ସ୍ଥାବର ସଂପତ୍ତିର ତାଲିକା ସଂପୃକ୍ତ ରାଜସ୍ୱ ଅଧିକାରୀ ଙ୍କ ଠାରୁ ଆଣି ଦରଖାସ୍ତ ସହ ସଂଲଗ୍ନ କରିବେ ।

୫. ସଂପୃକ୍ତ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate ଦାଖଲ କରିବେ ।

୬. ବୈଷୟିକ ଦକ୍ଷତା ତଥା ଉପଲବ୍ଧ ଥିବା ଯନ୍ତ୍ରପାତି ସଂପର୍କୀତ ତଥ୍ୟ ।

୭. ଗତ ଆର୍ଥିକ ବର୍ଷର VAT Clearance Certificate ।

୮. I.T. Clearance Certificate କିମ୍ବା ଗତ Assessment year ର I.T. Return ର ନକଲ ପ୍ରଦାନ କରିବେ ।

୯. ନିର୍ଦ୍ଧାରିତ ଅମାନତ ରାଶି ମୂଲ୍ୟର ଡିମାଣ୍ଡ ଡ୍ରାଫ୍ଟ (Demand Draft) ।

ତହସିଲଦାର, ଝାରବନ୍ଧ
Tahasildar
Jharbandh

# ସର୍ତ୍ତାବଳୀ

୧. ଆବେଦନକାରୀ ମାନେ ଲଘୁ ଖଣିଜ ରିହାତି ନିୟମ, ୨୦୦୪ (**O.M.M.C. Rules, 2004**) ଓ ଲଘୁ ଖଣିଜ ରିହାତି (ସଂଶୋଧନ) ନିୟମ, ୨୦୧୬ (**O.M.M.C. Rules, 2016**) ପରିସରଭୁକ୍ତ ହେବେ ।

୨. ଲିଜ୍‌ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ପାଇଁ ଯୋଗ୍ୟ ବିବେଚନା କରାଯିବ । ଯଦି ଏକାଧିକ ଆବେଦନକାରୀଙ୍କ ସର୍ବାଧିକ ଅତିରିକ୍ତ ଦେୟର ପରିମାଣ ସମାନ ହୁଏ, ସେହି କ୍ଷେତ୍ରରେ ଲଟେରି ଉଠାଣ ମାଧ୍ୟମରେ ଲିଜ୍‌ଧାରୀଙ୍କୁ ଚୟନ କରାଯିବ ।

୩. ତହସିଲଦାର, ଝାରବନ୍ଧଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଅମାନତ ରାଶିକୁ ନିଲାମରେ ଚୟନ ହୋଇଥିବା ଲିଜ୍‌ଧାରୀ Demand Draft କିମ୍ବା ନଗଦ ଆକାରରେ Form-M ସହିତ ଜମା କରିବେ ।

୪. ସର୍ବୋଚ୍ଚ ଅତିରିକ୍ତ ଦେୟ ପ୍ରଦାନ ପାଇଁ ଦର୍ଶାଇଥିବା ଆବେଦନକାରୀ ଯଦି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପି କରନ୍ତି, ତେବେ ଦ୍ୱିତୀୟ ଓ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୫. ସରକାରୀ ଭାବେ ଧାର୍ଯ୍ୟ ଅତିରିକ୍ତ ଦେୟ ହାରଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତ ସିଧାସଲଖ ଖାରଜ କରାଯିବ ।

**୬. ଜିଲ୍ଲାପାଳ, ବରଗଡ ନିମ୍ନଲିଖିତ ଯେକୌଣସି ବା ସମସ୍ତ କାରଣ ଦର୍ଶାଇ ନିଲାମକୁ ରଦ୍ଦ କରିପାରିବେ ।**

କ. ସଠିକ୍ ଓ ବିସ୍ତାରିତ ଭାବେ ନିଲାମ ସମ୍ବନ୍ଧୀୟ ପ୍ରଚାର ଓ ପ୍ରସାର ହୋଇନଥିଲେ ।

ଖ. ବହୁଳ ଭାବରେ ଆବେଦନକାରୀ ନିଲାମରେ ଭାଗ ନ ନେଲେ ।

ଗ. ଆବେଦନକାରୀଙ୍କ ଦରଖାସ୍ତରେ ଦର୍ଶାଯାଇଥିବା ଅତିରିକ୍ତ ଦେୟ ହାର ଅନୁମତିପ୍ରାପ୍ତ ଅଧିକାରୀଙ୍କଦ୍ୱାରା ଧାର୍ଯ୍ୟ ହାରଠାରୁ କମ୍ ହୋଇଥିଲା ।

୭. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ଦ୍ରବ୍ୟ ର ପରିମାଣ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ବନ୍ଧରେ ପର୍ଯ୍ୟବେକ୍ଷଣ କରି ଲିଜ୍ ନିଲାମରେ ଅଂଶ ଗ୍ରହଣ କରିବେ । ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ପରବର୍ତ୍ତୀ ସମୟରେ ଗ୍ରହଣଯୋଗ୍ୟ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।

୮. ଲିଜ୍ ଅବଧି ମଧ୍ୟରେ କୌଣସି ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୯. ସର୍ବୋଚ୍ଚ ନିଲାମଧାରୀ ନିଜ ଖର୍ଚ୍ଚରେ ଓ ଦାୟିତ୍ୱରେ ମାଇନିଙ୍ଗ ପ୍ଲାନ୍ (Mining Plan) ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା R.Q.P. ଙ୍କ ଠାରୁ ପ୍ରସ୍ତୁତ କରି ଓ ପରିବେଶ ସମ୍ବନ୍ଧୀୟ ଅନୁମତି (Environment Clearance) ଯଥା ସମୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରେ ଦାଖଲ କରିବେ, ନଚେତ ଲିଜ୍ ବାତିଲ କରାଯିବ ।

୧୦. Mining Plan ଓ Environment Clearance ପାଇଲା ପରେ ସର୍ବୋଚ୍ଚ ନିଲାମଧାରୀ ସମସ୍ତ ଦେୟ ପଇଠ କଲା ପରେ Registration Act, 1908 ଓ Stamp Act, 1899 ଅନୁଯାୟୀ ଲିଜ୍‌ଧାରୀ ଲିଜ୍ ଚୁକ୍ତିନାମା (Lease Deed) ସଂପାଦନ କରିବେ ।

୧୧. ଲିଜ୍ ବାବଦକୁ ରୟାଲଟି ଦେୟର ଶତକଡା ୫ ଭାଗ ପରିମାଣ ରାଶି ପରିବେଶ ପରିଚାଳନା ପାଣ୍ଠି E.M.F.(Environment Management Fund) ବାବଦକୁ ଓ ଶତକଡା ୧୦ ଭାଗ ରାଶି D.M.F. (District Mineral Foundation) ବାବଦକୁ ଲିଜ୍‌ଧାରୀ ତହସିଲଦାରଙ୍କ ନିକଟରେ ଜମା କରିବେ ।

୧୨. ଆବଶ୍ୟକ ସ୍ଥଳେ ନିୟମାନୁଯାୟୀ ପଇଠ ହୋଇଥିବା ଅମାନତ ଜମାରାଶିକୁ ବ୍ୟାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

Tahasildar
Jharbandh

୧୩. ଲିଜ୍‌ଧାରୀ ଲିଜ୍‌ପ୍ରାପ୍ତ ସୈରତ ଉତ୍ସର ସୀମାଚିହ୍ନଟ କରି ନିଜ ଖର୍ଚ୍ଚରେ ବାଡ ଦେବେ ଓ ସମ୍ମୁଖରେ ଏକ ଫଳକ (Display Board) ରେ ସୈରତ ଉତ୍ସର ନକ୍ସା, ନାମ, ଲିଜ୍ ଅବଧି ତଥା ମାଇନିଙ୍ଗ ପ୍ଲାନ ଅନୁସାରେ ଗଚ୍ଛିତ ଥିବା ଲଘୁ ଖଣିଜର ସମଗ୍ର ପରିମାଣ ଉଲ୍ଲେଖ କରିବେ ।

୧୪. ଉପରୋକ୍ତ ସର୍ତ୍ତାବଳୀ ପୁରଣ ହେଲା ପରେ ଲଘୁ ଖଣିଜ ଉତ୍ତୋଳନ ପାଇଁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।

୧୫. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଅବେଦନକାରୀ ତହସିଲଦାର, ଝାରବନ୍ଧଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦେଖି ପାରିବେ ।

୧୬. ଯଦି ଏହି ଇସ୍ତାହାରରେ କିଛି ତୃଟି ପରିଲକ୍ଷିତ ହୁଏ, ତାକୁ ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୭. ଜମା ରୟାଲଟି ରାଶିର ଶତକଡା ୨ଭାଗ ପରିମିତ ରାଶିକୁ ଲିଜଧାରୀ ଆୟକର (Income Tax) ବାବଦକୁ ଚାଲାନ୍ ଆକାରରେ ଜମା କରିବେ ।

୧୮. ଲିଜ୍‌ଧାରୀ ରୟାଲ୍‌ଟି ସହିତ ନିର୍ଦ୍ଧାରିତ Surface Rent ଓ Dead Rent ମଧ୍ୟ ପଇଠ କରିବେ ।

୧୯. ଲିଜ୍ ଅବଧି ମଧ୍ୟରେ ଯଦି Schedule-I ରେ ଉଲ୍ଲିଖିତ ଦରରେ ଅଭିବୃଦ୍ଧି ଘଟେ ଓ ତାହା ଲିଜ୍‌ଧାରୀ ଉଲ୍ଲେଖ କରିଥିବା ଦରଠାରୁ ବେଶି ହୋଇଥାଏ, ତେବେ ଲିଜ୍‌ଧାରୀ ବର୍ଦ୍ଧିତ ହାରରେ ସରକାରୀ ଦେୟ ପଇଠ କରିବେ ।

୨୦. Compensatory Aforestation ବାବଦକୁ ନିର୍ଦ୍ଧାରିତ ଦରରେ ଦେୟ ମଧ୍ୟ ପଇଠ କରିବେ ।

28/07/18

ତହସିଲଦାର, ଝାରବନ୍ଧ
Tahasildar
Jharbandh

**ଜ୍ଞାପକ ସଂ. ୧୫୮୦/ ତା. ୨୮.୦୭.୨୦୧୮**

ଏହାର ଏକକିତା ନକଲ ଜିଲ୍ଲାପାଳ,ବରଗଡ/ ଉପ-ଜିଲ୍ଲାପାଳ, ବରଗଡ/ ପଦ୍ମପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ଲେଖାଏଁ ନକଲ ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ତହସିଲଦାର/ ଝାରବନ୍ଧ ବ୍ଲକର ସମସ୍ତ ସରପଂଚ/ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ବରଗଡ/ ନିର୍ବାହୀ ଯନ୍ତ୍ରୀ, ଗ୍ରାମ ଉନ୍ନୟନ,ପଦ୍ମପୁର/ ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ,ପଦ୍ମପୁର / ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ମଣ୍ଡଳ,ପଦ୍ମପୁର/ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ବରଗଡ/ ଉପ-ନିର୍ଦ୍ଦେଶକ, ଖଣି, ସମ୍ବଲପୁର/ ବନ ମଣ୍ଡଳ ଅଧିକାରୀ, ବରଗଡଙ୍କ ନିକଟକୁ, ଏହାର ବହୁଳ ପ୍ରଚାର ନିମନ୍ତେ ତାଙ୍କର ବିଜ୍ଞାପନ ବୋର୍ଡରେ ପ୍ରଦର୍ଶିତ କରିବା ନିମନ୍ତେ ଅନୁରୋଧ ପୂର୍ବକ ପ୍ରେରଣ କରାଗଲା ।

28/07/18

ତହସିଲଦାର, ଝାରବନ୍ଧ
Tahasildar
Jharbandh

**ଜ୍ଞାପକ ସଂ. ୧୫୮୧/ ତା. ୨୮.୦୭.୨୦୧୮**

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ବରଗଡଙ୍କ ନିକଟକୁ ଜିଲ୍ଲା ୱେବ ସାଇଟ୍ (District Website) www.bargarh.nic.in ରେ ଉଲ୍ଲେଖ କରିବା ନିମନ୍ତେ ପ୍ରେରଣ କରାଗଲା ।

28/07/18

ତହସିଲଦାର, ଝାରବନ୍ଧ
Tahasildar
Jharbandh

## Annexure-1

### ୨୦୧୮-୧୯ ଆର୍ଥିକ ବର୍ଷରେ ଝାରବନ୍ଧ ତହସିଲରେ ୫ ବର୍ଷ ଅବଧିର ଲିଜ୍ ପ୍ରଦାନ ପାଇଁ ଖଣିଜ ଉତ୍ସର ବିବରଣୀ

| କ୍ର.ସଂ. | ଲଘୁ ଖଣିଜ ଉତ୍ସର ନାମ | ମୌଜାର ନାମ | କି ପ୍ରକାର ଲଘୁ ଖଣିଜ | ଉତ୍ସ ଥିବା ଜମିର ବିବରଣୀ | | | | ସର୍ବ ନିମ୍ନ ପ୍ରତିଭୂତ ପରିମାଣ (କ୍ୟୁବିକ୍ ମିଟର ରେ) | ଲଘୁ ଖଣିଜର ସରକାରୀ ଦର (ପ୍ରତି କ୍ୟୁବିକ୍ ମିଟର ପାଇଁ) | | ଅମାନତ ରାଶିର ପରିମାଣ (Earnest Money Amount) |
|---|---|---|---|---|---|---|---|---|---|---|---|
| | | | | ଖା.ନଂ. | ପ୍ଲଟ୍ ନଂ. | କିସମ | ରକବା (ଏକର ରେ) | | ରୟାଲଟି | ଅତିରିକ୍ତ ଦେୟ | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧. | ମହୁଲପାଲି ବାଲି ଘାଟ | ମହୁଲପାଲି | ବାଲି | ୩୧ | ୨୩୭(ରୁ) | ନଦି | ୧୨.୩୦ | ୧୫୦୦ | ଟ. ୩୫.୦୦ ଙ୍କା | ଟ.୮.୦୦ଙ୍କା | ଟ.୬୪୫୦.୦୦ଙ୍କା |
| ୨. | ଛୋଟକୁଞ୍ଜାରି ବାଲି ଘାଟ | ଛୋଟକୁଞ୍ଜାରି | ବାଲି | ୯୩ | ୪୨୦(ରୁ) | ନଦି | ୧୨.୩୦ | ୧୫୦୦ | ଟ. ୩୫.୦୦ ଙ୍କା | ଟ.୮.୦୦ଙ୍କା | ଟ.୬୪୫୦.୦୦ଙ୍କା |
| ୩. | କୁମିର ବାଲି ଘାଟ | କୁମିର | ବାଲି | ୧୨୮ | ୧୩୩୫/୧୫୨୧(ରୁ) | ନଦି | ୧୨.୫୦ | ୧୮୦୦ | ଟ. ୩୫.୦୦ ଙ୍କା | ଟ.୮.୦୦ଙ୍କା | ଟ.୭୭୪୦.୦୦ଙ୍କା |
| ୪. | ପଲସଦା ବାଲି ଘାଟ | ପଲସଦା | ବାଲି | ୭୭ | ୩୩୬(ରୁ) | ନଦି | ୧୨.୫୦ | ୨୦୦୦ | ଟ. ୩୫.୦୦ ଙ୍କା | ଟ.୮.୦୦ଙ୍କା | ଟ.୮୬୦୦.୦୦ଙ୍କା |
| ୫ | ତୁର୍ଲା ବାଲି ଘାଟ | ତୁର୍ଲା | ବାଲି | ୧୩୮ | ୧୩୩୩(ରୁ) | ନଦି | ୯.୭୧ | ୩୯୮୦ | ଟ. ୩୫.୦୦ ଙ୍କା | ଟ.୮.୦୦ଙ୍କା | ଟ.୧୭୧୧୪.୦୦ଙ୍କା |
| ୬ | ଚିରୋଲି ବାଲି ଘାଟ | ଚିରୋଲି | ବାଲି | ୪୩' | ୧୪୮, ୧୪୯ (ରୁ) | ନଦି | ୧୨.୩୦ | ୧୮୦୪ | ଟ. ୩୫.୦୦ ଙ୍କା | ଟ.୮.୦୦ଙ୍କା | ଟ.୭୭୫୮.୦୦ଙ୍କା |
| .୭ | ବଡଅନକି ବାଲି ଘାଟ | ବଡଅନକି | ବାଲି | ୧୨୯ | ୧/୧୨୩୦ (ରୁ) | ନଦି | ୧୨.୦୦ | ୮୦୧୦ | ଟ. ୩୫.୦୦ ଙ୍କା | ଟ.୮.୦୦ଙ୍କା | ଟ.୩୪୪୪୩.୦୦ଙ୍କା |

ତହସିଲଦାର, ଝାରବନ୍ଧ

Tahasildar
Jharbandh